# ଜନଗଣନା କର୍ମଚାରୀଙ୍କୁ ଦୁର୍ବୃତ୍ତଙ୍କ ଆକ୍ରମଣ
# ସ୍କୁଟି ଭାଙ୍ଗିବା ସହିତ ମୁହଁ ଫାଟିଲା



କାମାକ୍ଷାନଗର, (ସବ୍ୟୁ): ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗରରେ ଜନଗଣନା କର୍ମଚାରୀଙ୍କୁ ଜନୈକ ଦୁର୍ବୃତ୍ତମରଣାତ୍ମକ ଆକ୍ରମଣକରିବା ସହିତ ତାଙ୍କ ସ୍କୁଟି ଭାଙ୍ଗିବା ସହ ମାଡ ମାରି ମୁହଁ ଫଟାଇ ଦେଇଥିବାର। ସାରା ରାଜ୍ୟରେ ଜନଗଣନା କାର୍ଯ୍ୟ ଚାଲୁରହିଥିବା ବେଳେ କାମାକ୍ଷାନଗରରେ ଜନଗଣନା କରିବାକୁ ଯାଇଥିବା ବେଳେ ଚାରି ଜନଗଣନା ଅଧିକାରୀଙ୍କ ଆକ୍ରମଣ କରାଯାଇଥିବାର ଜଣାପଡିଛି। ଆକ୍ରମଣରେ ୪ଜଣ ଜନଗଣନା କର୍ମଚାରୀ ଆହତ ହୋଇଥିବା ବେଳେ ଏଥିରେ ୨ଜଣ ମହିଳା କର୍ମଚାରୀ ଅଛନ୍ତି ।

ବୁଧବାର ସକାଳେ କାମାକ୍ଷାନଗର ଏନଏସି ତିନି ନମ୍ବର ୱାର୍ଡ ମହିମାନଗର ସାହିରେ ଜନଗଣନା କର୍ମଚାରୀଙ୍କୁ ମାଡ଼ ମାରିବା ସହ ଜନଗଣନା କରୁଥିବା ଦିଦିଙ୍କ ସ୍କୁଟି ଗାଡିକୁ ତାଙ୍କ ଦୁଇ ପୁଅ ଭାଙ୍ଗି ଦେଇଛନ୍ତି। କର୍ମଚାରୀଙ୍କୁ ଅଶ୍ରବ୍ୟ ଭାଷାରେ ଗାଳି ଗୁଲଜ କରିବା ସହିତ ଜନଗଣନା କରାଇ ଦେଇନଥିଲେ।

ଆକ୍ରମଣରରେ ମହିଳା କର୍ମଚାରି ମୁହଁରେ ଆଘାତ ଲାଗିବା ସହ ପଥର ଧରି ମାରିବାକୁ ଗୋଡାଇଥିବା କହିଛନ୍ତି। ଖବର ପାଇ ଘଟଣା ସ୍ଥଳରେ କାମାକ୍ଷାନଗର ଉପଜିଲ୍ଲାପାଳ, ତହସିଲଦାର, ଏସଡିପିଓ ଓ ଥାନା ଅଧିକାରୀ ପହଞ୍ଚିଥିବା ବେଳେ ତାଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରୁଥିବାର ଦେଖିବାକୁ ମିଳିଥିଲା ।

ତେବେ ପୋଲିସ ଆକ୍ରମଣକାରିଙ୍କୁ ଅଟକ ରଖିଛି ଓ ଏହାର ବିଧିବଦ୍ଧ ତଦନ୍ତ ଆରମ୍ଭ କରିଛି। ଜନଗଣନା ସମୟରେ କର୍ମଚାରୀଙ୍କୁ ମାଡ଼ ଘଟଣାକୁ ନେଇ ସମଗ୍ର କାମାକ୍ଷାନଗର ଅଞ୍ଚଳରେ ଚର୍ଚ୍ଚା ସୃଷ୍ଟି ହୋଇଛି।

# ଜନ ଗଣନାକାରୀ ପରିଚୟ ଦେଇ ଘରୁ ଲୁଟ୍

ରାସୋଳ, (ସବ୍ୟୁ): ଉଦୁଉଦିଆ ଖରାବେଳେ ଗାଁରେ ଥିବା ଏକ ଘରକୁ ଆସିଥିଲା ଲୁଟେରା। ନିଜକୁ ଜଣେ ଜନଗଣନାକାରୀ ବୋଲି ପରିଚୟ ଦେଇଥିଲେ ଏବଂ ଜନଗଣନା କରିବାକୁ ଆସିଥିବା କହିଥିଲେ। ପରେ ଲୁଟେରା ଜଣଙ୍କ ମହିଳାଙ୍କୁ ଆଧାର କାର୍ଡ ମାଗିଥିଲା।

ମହିଳା ଘର ଭିତରକୁ ଆଧାର କାର୍ଡ ଆଣିବାକୁ ଯିବା ସମୟରେ ଲୁଟେରା ମଧ ଘର ଭିତରକୁ ପଶିଥିଲା। ମହିଳା ଜଣଙ୍କ ଏକୁଟିଆ ଥିବାର ସୁଯୋଗ ନେଇ ମହିଳାଙ୍କ ଛୋଟ ଝିଅ ବେକରେ ଛୁରୀ ଲଗାଇ ମହିଳାଙ୍କୁ ପିନ୍ଧିଥିବା ଡ୍ରେସ ଖୋଲିବାକୁ କହିଥିଲା ଲୁଟେରା। ତେବେ ଲୁଟେରା କଥାରେ ମହିଳା ଜଣଙ୍କ ରାଜି ନହେବାରୁ ଲୁଟେରା ଜଣକ ମହିଳା ପିନ୍ଧିଥିବା ମଙ୍ଗଳସୂତ୍ର ଓ ମୋବାଇଲ ଫୋନ ମାଗିଥିଲା। ମହିଳା ଜଣଙ୍କ ଭୟଭୀତ ହୋଇ ଲୁଟେରାଙ୍କୁ ପିନ୍ଧିଥିବା ମଙ୍ଗଳସୂତ୍ର ଓ ମୋବାଇଲ ଫୋନ ଦେଇଥିଲେ । ପରେ ମଙ୍ଗଳସୂତ୍ର ଓ ମୋବାଇଲ ଫୋନ ଧରି ଲୁଟେରା ଚମ୍ପଟ ମାରିଥିଲା। ତେବେ ସୂଚନା ଅନୁସାରେ ଢେଙ୍କାନାଳ ଜିଲ୍ଲା ରାସୋଳ ଥାନା ଗିରିଧରପ୍ରସାଦ ଗାଁରେ ଏଭଳି ଘଟଣା ଦେଖିବାକୁ ମିଳିଛି। ଗାଁର ବିଭସ ପଟ୍ଟନାୟକଙ୍କ ଘରେ ଗତକାଲି ମଧ୍ୟାହ୍ନ ପ୍ରାୟ ଦୁଇଟା ସମୟରେ ଏକ କଳା ରଙ୍ଗର ହୋଣ୍ଡା ମୋଟର ସାଇକଲ୍ ଯୋଗେ ଲୁଟେରା ଜଣଙ୍କ ଏଭଳି କାଣ୍ଡ ଭିଆଇ ଥିଲା। ଥାନାରେ ଅଭିଯୋଗ କରିବା ହେବା ପରେ ଲୁଟେରାଙ୍କୁ ଧରିବା ପାଇଁ ରାସୋଳ ପୋଲିସ ଛାନଭିନ ଜାରି ରଖିଛି ।

# କଂଗ୍ରେସ ନେତାଙ୍କ ଅକାଳ ବିୟୋଗ

କାମାକ୍ଷାନଗର, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗରର ମୁକୁଟବିହୀନ ଯୁବରାଜ ତଥା ଭାରତୀୟ ଜାତୀୟ କଂଗ୍ରେସ ଦଳ ତରଫରୁ ଦୁଇ ଦୁଇ ଥର ବିଧାୟକ ପ୍ରାର୍ଥୀ ହୋଇଥିବା ଭବାନୀ ଶଙ୍କର ମହାପାତ୍ରଙ୍କ ପରଲୋକ ହୋଇଯାଇଛି । ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ଦୁଇବର୍ଷ ଧରି ସ୍ୱାସ୍ଥ୍ୟବସ୍ଥା ଖରାପ ରହିଥିବା ବେଳେ ଗତକାଲି ବିଳମ୍ବିତ ରାତିରେ ପରଲୋକ ଘଟିଛି। ଗତ ୨୦୧୪ ଓ ୨୦୧୯ ମସିହାରେ କାମାକ୍ଷାନଗର ବିଧାନସଭା ଆସନରୁ କଂଗ୍ରେସ ଦଳ ତରଫରୁ ବିଧାୟକ ପ୍ରାର୍ଥୀ ହୋଇଥିଲେ । ମୃତ୍ୟୁ ବେଳକୁ ତାଙ୍କୁ ୫୧ ବର୍ଷ ହୋଇଥିବା ବେଳେ ସେ ପୂର୍ବତନ ବିଧାୟକ କୈଳାଶ ଚନ୍ଦ୍ର ମହାପାତ୍ର ଓ ବିଧାୟିକା ପ୍ରେମଲତା ମହାପାତ୍ରଙ୍କ ପୁତ୍ର ଥିଲେ । ନିଜର ଯୁବ ସୁଲଭ ବ୍ୟକ୍ତିତ୍ୱ ଓ ସମସ୍ତଙ୍କ ସହିତ ମିଶିବାର ସ୍ୱଭା ଯୋଗୁଁ ସେ କାମାକ୍ଷାନଗର ଅଞ୍ଚଳରେ ବେଶ ପରିଚିତ ଥିଲେ । ଭବାନୀଶଙ୍କରଙ୍କ ଅକାଳ ବିୟୋଗରେ କାମାକ୍ଷାନଗର ଅଞ୍ଚଳରେ ଶୋକର ଛାୟା



ଖେଳିଯାଇଛି । ଗାଁଠୁ ସହର ସବୁଆଡେ ଭବାନୀ ଶଙ୍କରଙ୍କ ମୃତ୍ୟୁକୁ ନେଇ ଦୁଃଖର ବାତାବରଣ ସୃଷ୍ଟି ହୋଇଥିବା ବେଳେ ମୁକୁଟବିହୀନ ଯୁବରାଜଙ୍କ ଅକସ୍ମାତ ମୃତ୍ୟୁରେ ସମଗ୍ର ନିର୍ବାଚନମଣ୍ଡଳୀ ସ୍ତବ୍ଧ ହୋଇଯାଇଛି । ମରଶରୀର ଭୁବନେଶ୍ୱରରୁ ବାହାରି କାମାକ୍ଷାନଗରରେ ପହଂଚିବା ପୂର୍ବରୁ ଢେଙ୍କାନାଳରେ ବିଭିନ୍ନ ଦଳ ଓ ବ୍ୟକ୍ତିବିଶେଷ ଭବାନୀଶଙ୍କରଙ୍କ ଶେଷ ଦର୍ଶନ କରିଥିଲେ। ପରେ ରେକୁଳା ନିକଟରୁ ଏକ ବିଶାଳ ଶୋଭାଯାତ୍ରା କରାଯାଇ ଭବାନୀଶଙ୍କରଙ୍କ ଶବାଧାରକୁ କାମାକ୍ଷାନଗର ସହର ପରିକ୍ରମା କରାଯାଇଥିଲା । ସହରର ଜଗନ୍ନାଥ ବଜାର, ହନୁମାନ ବଜାର, ଏନଏସି କାର୍ଯ୍ୟାଳୟ ଠାରେ ଅଞ୍ଚଳବାସୀ ନିଜ ପ୍ରିୟ ନେତାଙ୍କୁ ଶେଷଦର୍ଶନ କରିବା ସହିତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ପରେ ସ୍ଥାନୀୟ ଅନନ୍ତପୁର ଠାରେ ଥିବା କଂଗ୍ରେସ ଭବନ ପରିସରରେ ସହରର ବହୁ ବୁଦ୍ଧିଜୀବୀ, ଶିକ୍ଷାବିତ, ସାମ୍ବାଦିକ, ଓକିଲ ଓ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ଶେଷ ଦର୍ଶନ କରିଥିଲେ । ସେଠାରୁ ମରଶରୀରକୁ ତାଙ୍କ ନିଜ ଗାଁ ପଳାସପିଠିଆକୁ ନିଆଯାଇ ସେଠାରେ ଶେଷକୃତ୍ୟ କରାଯାଇଥିଲା। ଭବାନୀଶଙ୍କରଙ୍କ ଝିଅ ମୁଖାଗ୍ନି ଦେଇଥିବା ବେଳେ ମରଶରୀର ନିକଟରେ ସ୍ତ୍ରୀ, ଭାଇ, ଆତ୍ମୀୟସ୍ୱଜନ ଓ କାମାକ୍ଷାନଗର ଓ ଭୁବନ ଅଞ୍ଚଳର ହଜାରହଜାର ଜନସାଧାରଣ ଯୋଗ ଦେଇ ନିଜ ପ୍ରିୟ ନେତାଙ୍କୁ ଅଶ୍ରୁଳ ବିଦାୟ ଦେଇଥିଲେ । ଭବାନୀଶଙ୍କର ନିଜ ରାଜନୈତିକ କ୍ୟାରିଅରରେ ଦୁଇଥର କଂଗ୍ରେସ ଦଳ ତରଫରୁ କାମାକ୍ଷାନଗର ବିଧାନସଭା ଆସନରୁ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଥିଲେ ମଧ ପରାଜୟର ସମ୍ମୁଖୀନ ହୋଇଥିଲେ ।କିନ୍ତୁ ସାଧାରଣ ଲୋକଙ୍କ ସହ ସେ ଖୁବନିବିଡ଼ ଥିବା କାରଣରୁ ତାଙ୍କୁ କାମାକ୍ଷାନଗର ଜନସାଧାରଣ ଶ୍ରଦ୍ଧା ରେ ମୁକୁଟବିହୀନ ଯୁବରାଜ ଭାବେ ବିବେଚନା କରନ୍ତି ।

## ଯୋଗାଣ ବିଭାଗର ଚଢ଼ାଉ
## ବିପୁଳ ଗ୍ୟାସ ସିଲିଣ୍ଡର ଜବତ

ସୋର, (ସବ୍ୟୁ): ସୋମବାର ଅପରାହ୍ନରେ ଜିଲ୍ଲା ଯୋଗାଣ ବିଭାଗ ତରଫରୁ ସୋରରେ ଥିବା ଇଂଟିଗ୍ରେଟେଡ଼ ଗ୍ୟାସ ଏଜେନସିରେ ଚଢ଼ାଉ କରାଯାଇ ବିପୁଳ ପରିମାଣର ଗ୍ୟାସ ସିଲିଣ୍ଡର ଜବତ କରାଯାଇଛି। ଆଜି ଅପରାହ୍ନରେ ଜିଲ୍ଲା ଯୋଗାଣ ବିଭାଗ ପକ୍ଷରୁ ଅଚାନକ ଏହି ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉ ସମୟରେ ବ୍ୟାପକ ଅନିୟମିତତା ଓ ଲୋକମାନଙ୍କ ପ୍ରତି କରାଯାଉଥିବା ଦୁର୍ବ୍ୟବହାର ବାବଦରେ ଯୋଗାଣ ଅଧିକାରୀଙ୍କ ଦୃଷ୍ଟି ପଡିଥିଲା। ପରେ ଉକ୍ତ ଗ୍ୟାସ ଏଜେନ୍ସିର ଷ୍ଟକ ରେଜିଷ୍ଟର ଯାଞ୍ଚ ପରେ ବ୍ୟାପକ ହେରଫେର ଘଟଣା ସାମ୍ନାକୁ ଆସିଥିଲା। ପରେ ଗୋଦାମରୁ ଚଢ଼ାଉ କରିବାରୁ ୯୮୯ଟି ଟାଙ୍କି ମିଳିଥିଲା। ପରେ ସମସ୍ତ ଟାଙ୍କିକୁ ଜବତ କରାଯାଇଥିଲା।

ଏହି ଚଢ଼ାଉରେ ଜିଲ୍ଲା ଯୋଗାଣ ଅଧିକାରୀ ନରସିଂହ ପଣ୍ଡା, ଜିଲ୍ଲା ସହକାରୀ ଯୋଗାଣ ଅଧିକାରୀ ପୁରଞ୍ଜୟ ସାହୁ, ନୀଳଗିରି ସହାୟକ ଯୋଗାଣ ଅଧିକରିଣୀ ବିଦ୍ୟୁତ ଲତା ନାୟକ, ସୋର ଯୋଗାଣ ଅଧିକାରୀ ଦେବାଶିଷ କର, ବାହାନଗା ଯୋଗାଣ ଅଧିକାରୀ ରାକେଶ ପାତ୍ର ପ୍ରମୁଖ ସାମିଲ ହୋଇଥିଲେ।

# ଯନ୍ତ୍ରଣାରେ କଳାହୀରା ସହର ତାଳଚେର

ତାଳଚେର, (ସବ୍ୟୁ): ତାଳଚେର ମାଟି ତାର ପୂର୍ବ ପୁରୁଷର କି ଧର୍ମ କରିଥିଲା, ଯାହା ତାଳଚେର ମାଟିକୁ ଏକ ସୁନାର ମାଟିଭାବେ ମାଲକ୍ଷ୍ମିଙ୍କର ବରଦାନ ମିଳିଛି । ଯାହା ଆଜି ତାଳଚେର ମାଟି ତାର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ସହ ସାରା ଭାରତକୁ ଆଲୋକୀତ କରୁଛି । ମାଟି ଆଜି ନିଜର ଅସ୍ତିତ୍ୱ ହରାଇବାକୁ ବସିଲାଣି କିନ୍ତୁ ସମୟ ଆଗରେ ହାରମାନିନ ତାଳଚେର । ନିଜ ଗର୍ଭରେ ପୋତି ରଖିଥିବା ଖଣିଜ ସମ୍ପଦ ଯୋଗୁଁ ଆଜିର ଇତିହାସରେ ଏକ ମାନଚିତ୍ର ଭାବେ ନିଜକୁ ଉଭା କରିପାରିଛି ।

ଅନୁମାନ କରାଯାଏ କି, ତାଳଚେର ଏହି ଖଣିଜ ସମ୍ପଦରେ ଆଜି ସାରା ଭାରତକୁ ଆଲୋକୀତ କରୁଥିବା ବେଳେ ନିଜେ ଅଶହାୟ ଓ ଅନ୍ଧାରମୟ ଜୀବନ ଅତିବାହିତ କରୁଛି । ଏଠି ଯେଉଁ ନେତାମାନେ ନିର୍ବାଚିତ ହୋଇଛନ୍ତି କିଛି ନା କିଛି ମାଟି ପାଇଁ ଆଶା ଦେଇଛନ୍ତି କିନ୍ତୁ ତାହା ପରବର୍ତ୍ତି ମୁହୂର୍ତରେ ଆଶା ଆଶାରେ ହିଁ ରହି ଯାଇଛି । ଯେଉଁ ନେତାମାନେ ନିର୍ବାଚିତ ହୋଇଛନ୍ତି ପ୍ରାୟ ସେମାନେ ପ୍ରାୟ ୧୦ରୁ ୨୦ବର୍ଷ ପର୍ଯ୍ୟନ୍ତ ନିଜର ଗାଦିମାଡ଼ି ବସିବା ସହ ତାଙ୍କର କାର୍ଯ୍ୟ ମାଟି ପାଇଁ ହେଲ୍ପଲେସ୍ ଭଳି ମନେହୁଏ । ତିନି ତିନିଟି ଦଳର ନେତା ଓଡ଼ିଶା ଗାଦିରେ ବସିଲେଣି, ଯିଏ ଯେଉଁ ପ୍ରକାର ଆଶ୍ୱସନା ପ୍ରଦାନ କରିଛି, ତାହା ଅସଫଳ ସାବ୍ୟସ୍ତ ହୋଇଛି ।

ତାଳଚେର ଆଜି ଅବହେଳିତ, ଶୋଷିତ, ନିରୁପାୟ ଓ ଯନ୍ତ୍ରଣାରେ କଳାହୀରା ସହରର ମାଟି । ନିର୍ବାଚନ ସମୟରେ ବିକାଶର କଥା ଆସିଲେ ଦଳଦଳ ହୋଇ ଭାଷଣବାଜି, ପଥପ୍ରାନ୍ତସଭା, ବାଇକରାଲି, ପଦଯାତ୍ରା ଆଦି ହୀନରାଜନୀତି ଯୋଗୁଁ ତାଳଚେର ମାଟି ନିଜର ଅସ୍ତିତ୍ୱ ହରାଇବାକୁ ବସିଲାଣି । ଏଠି କଥା ଆସେ, ତାଳଚେର ରାଣୀପାର୍କ ଜଙ୍ଗଲ ଓ ଡ଼ିଅରପାର୍କ, ତାଳଚେର ବସଷ୍ଟାଣ୍ଡ, ରାଜୁଡ଼ା ଅମଳରୁ ନିର୍ମାଣ କରାଯାଇଥିବା ପୋଖରୀ, କଲ୍ୟାଣୀମଣ୍ଡପ, ରାଜାବାଟୀ ସମ୍ମୁଖରେ ଆଇଲଭୟୁ ତାଳଚେରର ସୌନ୍ଦର୍ଯ୍ୟ କରଣ, ଗଳିକନ୍ଦି ରାସ୍ତା ସହ ମୁଖ୍ୟରାସ୍ତା ଏପରିକି ରାଣୀପାର୍କ ବସ୍‌ଷ୍ଟାଣ୍ଡ ଏବଂ ପଛପାର୍ଶ୍ୱରେ ନିର୍ମାଣ କରାଯାଉଥିବା କୋଲମ୍ୟୁଜିୟମ ଆଦି ପ୍ରତ୍ୟେକ ବିକାଶକ୍ଷେତ୍ରରେ ସବୁ ଅଧାପନ୍ତରିଆ ହୋଇ କାର୍ଯ୍ୟ କଚ୍ଛପ ଓ ମନ୍ଥର ଗତିରେ । ଅନୁଗୋଳ କୋଲମ୍ୟୁଜିଅମ ନିର୍ମାଣ ସରି ସହରବାସୀ ଏହାର ଫାଇଦା ଉଠାଉଥିବା ବେଳେ ତାଳଚେରରେ ତିନିବର୍ଷରୁ ଊର୍ଦ୍ଧ୍ୱ ବିତି ଯାଇଥିଲେ ହେଁ ଏହି କୋଲମ୍ୟୁଜିଅମଟି ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇପାରିଲା ନାହିଁ ।

ଏଗୁଡ଼ି କେବେ ସମ୍ପୂର୍ଣ୍ଣ ହେବ ଓ ସର୍ବସାଧାରଣଙ୍କ କାର୍ଯ୍ୟରେ କେବେ ଆସିବ ତାକୁ ନେଇ ବୁଦ୍ଧିଜୀବୀ ମହଲରେ ବିଭିନ୍ନ ଛକ ଓ ସ୍ଥାନ ଗୁଡ଼ିକରେ ଚର୍ଚ୍ଚା ହେଉଥିବା ପରିଲକ୍ଷିତ ହେବାସହ ଅନ୍ୟ ଜିଲ୍ଲାର ଅଧିବାସୀମାନେ ମଧ ଆପେକ୍ଷ କରି କହୁଛନ୍ତି କି, ଦୀପତଳ ଅନ୍ଧାର । ଏତିକି ନୁହେଁ ତାଳଚେରର ଆହୁରି ଅନେକ ବିକାଶମୂଳକ କାର୍ଯ୍ୟ ଯାହା ନେତା କିମ୍ବା ପ୍ରଶାସନ ଦୃଷ୍ଟିରେ ଆସୁନାହିଁ ଏହାର ଅର୍ଥ ପ୍ରାୟ ସମୟରେ ସର୍ବସାଧାରଣ ଖୋଜିବାରେ ଲାଗିଛନ୍ତି । ତାଳଚେରର ଏପରି ଦୁର୍ଦ୍ଦଶା କିପରି ନେତା, ପ୍ରଶାସନ ଏବଂ ସରକାରଙ୍କ ଦୃଷ୍ଟିକୁ ଆସୁନାହିଁ ତାହା ଏକ ଦୁର୍ଭାଗ୍ୟଜନକ ବିଷୟ । ଯେକୌଣସି ସ୍ଥାନରେ କୌଣସି ନା କୌଣସି କାର୍ଯ୍ୟକ୍ରମ ଚାଲେ ସେଠି ଛତ୍ରଛାୟା ତଳେ ରହୁଥିବା କୁଜି ନେତାମାନେ ନେତାଙ୍କ ପୂର୍ବରୁ ପଂହଚି ଯାଇଥାନ୍ତି, ଯେପରି ନେତାଙ୍କର ଅସୁବିଧା ନହୁଏ, ଏଠି ତାଳଚେର ପ୍ରତ୍ୟେକ ଦିନ ଅସୁବିଧାର ସମ୍ମୁଖୀନ ହେଉଥାଉ କାହିଁକି ନା ମାଟି ନୁହେଁ ପାଟିର ଆବଶ୍ୟକତା ରହିଛି ବୋଲି ଦଳର ବୈଠକ ଚାରିକାନ୍ଥ ଭିତରେ ଶୁଣାଯାଏ ।

ଯଦି ଏପରି ମନୋଭାବରେ ଚାଲେ ତେବେ ତାଳଚେର ଆଗାମୀ ଦିନରେ ପରବର୍ତ୍ତି ପିଢ଼ିପାଇଁ କେବଳ ଅନ୍ଧାର ଛଡ଼ା ଆଉକିଛି ନୁହେଁ ବୋଲି ଚର୍ଚ୍ଚା ଚାଲିଛି । ତେଣୁ ତାଳଚେରରୁ କୋଟି କୋଟି ଟଙ୍କା ରାଜସ୍ୱ ଉଭୟ ସରକାର ନେଉଥିବା ବେଳେ ତାଳଚେରର ବିକାଶ ଦିଗରେ ଧ୍ୟାନଦେବା ସହ ପ୍ରତ୍ୟେକ ଜରୁରୀ କାର୍ଯ୍ୟକୁ ପୂରଣ କରାଯିବାନେଇ ବିଭିନ୍ନ ମହଲରେ ଦାବି ହେଉଛି ।

# ଠାକୁରଗଡ଼ରେ ମା' ବିମଳା ଓ ଲକ୍ଷ୍ମୀଙ୍କ ବିଗ୍ରହ ପ୍ରତିଷ୍ଠା

ଠାକୁରଗଡ଼, (ସବ୍ୟୁ): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ଅନ୍ତର୍ଗତ ଠାକୁରଗଡ଼ ଗ୍ରାମରେ ଆଜି ଏକ ଆଧାତ୍ମିକ ପରିବେଶ ମଧରେ ମା' ବିମଳା ଓ ମା' ଲକ୍ଷ୍ମୀଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଆରମ୍ଭ ହୋଇଯାଇଛି। ଏହି ଅବସରରେ ଗ୍ରାମରେ ଏକ ଭବ୍ୟ କଳସ ଯାତ୍ରା ଆୟୋଜିତ ହୋଇଥିବା ବେଳେ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ଦେଖିବାକୁ ମିଳିଥିଲା। ଆଜି ସକାଳୁ ପବିତ୍ର ରୀତିନୀତି ଅନୁଯାୟୀ ଜଳଯାତ୍ରା ସମ୍ପନ୍ନ ହୋଇଥିଲା। ପାରମ୍ପରିକ ପୋଷାକରେ ସଜ୍ଜିତ ହୋଇ ଶତାଧିକ ମହିଳା ମୁଣ୍ଡରେ କଳସ ଧାରଣ କରି ଏକ ବିଶାଳ ଶୋଭାଯାତ୍ରାରେ ବାହାରିଥିଲେ। ଶଙ୍ଖ ନାଦ, ମନ୍ତ୍ରୋଚ୍ଚାରଣ ଓ ଭଜନ-କୀର୍ତ୍ତନରେ ସମଗ୍ର ଗ୍ରାମ ପ୍ରକମ୍ପିତ ହୋଇ ଉଠିଥିଲା। ଏହି ଶୋଭାଯାତ୍ରା ଗ୍ରାମର ମୁଖ୍ୟ ରାସ୍ତା ପରିକ୍ରମା କରି ମନ୍ଦିର ପରିସରରେ ପହଞ୍ଚିବା ପରେ ପଣ୍ଡିତମାନଙ୍କ ଦ୍ୱାରା ବିଧିବତ ପୂଜାର୍ଚ୍ଚନା ଓ କଳସ ସ୍ଥାପନ କରାଯାଇଥିଲା। ଉତ୍ସବର ମୁଖ୍ୟ ପୁରୋଧା ଏହି ଧାର୍ମିକ କାର୍ଯ୍ୟକ୍ରମକୁ ପଣ୍ଡିତ ଅଶୋକ ମିଶ୍ର, ରୀଙ୍କୁଲାଲ ମିଶ୍ର, ପ୍ରଶାନ୍ତ ମହାପାତ୍ର, ରୁଦ୍ର ମୋହନ ମିଶ୍ର ଓ ନିର୍ମଳ ମିଶ୍ର ପରିଚାଳନା କରୁଛନ୍ତି। ମୁଖ୍ୟ କର୍ତ୍ତା ଭାବେ ବିଶ୍ୱରଞ୍ଜନ ଦେଓ ଓ ଭନ୍ତାଚାରୁ ଦେଓ ଦାୟିତ୍ୱ ନିର୍ବାହ କରୁଛନ୍ତି। ମନ୍ଦିର ପରିଚାଳନା କମିଟିର ସଦସ୍ୟ ଶତ୍ରୁଘ୍ନ ସାହୁ, ସନ୍ତୋଷ କୁମାର ସାହୁ, ବସନ୍ତ କୁମାର ସାହୁ, ସୁରିଆ ସାହୁ, ସୁଜି କୁମାର ଦେହୁରୀ, ମନୋଜ କୁମାର ରାଉତ, ଅଶ୍ୱିନୀ କୁମାର ଖୁଣ୍ଟିଆ, ଲିଟୁ ରାଉତ ଓ ସତ୍ୟବ୍ରତ ସେନାପତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରୁଛନ୍ତି । ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଠାକୁରଗଡ଼ ଥାନା ଅଧିକାରୀ ଶଶି ଭୂଷଣ ବେହେରା, ମନୋଜ କୁମାର ବେହେରା, କେଶବ ସାହୁ, ଯଶବନ୍ତ ନାୟକ ଓ ହାବିଲଦାର ଦେବେନ୍ଦ୍ର କୁମାର ସାହୁ ଉପସ୍ଥିତ ରହିଛନ୍ତି। ଏହି ଉତ୍ସବକୁ ନେଇ ସ୍ଥାନୀୟ ଅଞ୍ଚଳରେ ଏକ ଭକ୍ତିପୂତ ପରିବେଶ ସୃଷ୍ଟି ହୋଇଛି। ଆସନ୍ତା କାଲି ଦଶ ହଜାରରୁ ପନ୍ଦର୍ ହଜାର ଲୋକଙ୍କ ସମାଗମ ହେବ ବୋଲି ମନ୍ଦିର କମିଟି ପକ୍ଷରୁ ସୂଚନା ମିଳିଛି।

# ଅନୁଗୁଳ ଜିଲ୍ଲାରେ ସକ୍ଷମ ମୂଲ୍ୟାଙ୍କନ ସମ୍ପନ୍ନ

ଅନୁଗୁଳ, (ସବ୍ୟୁ): ସକ୍ଷମ ମୂଲ୍ୟାଙ୍କନ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ମହମ୍ମଦ ଅବଦଲ ଅଖତରଙ୍କ ନେତୃତ୍ୱରେ ଅନୁଗୁଳ ଜିଲ୍ଲାର ସମସ୍ତ ବ୍ଲକ ଗୁଡିକରେ ଅଭିଭାବକ-ଶିକ୍ଷକ ପ୍ରଥମ ବୈଠକ ଆୟୋଜିତ ହୋଇଯାଇଛି ।



ବୈଠକରେ ପ୍ରଥମଥର ପାଇଁ ଛାତ୍ରଛାତ୍ରୀଙ୍କ ଶିକ୍ଷଣ ଫଳାଫଳ ଆଧାରିତ ସ୍କୁଲ-ସ୍ତରର ରିପୋର୍ଟ କାର୍ଡ ସିଧାସଳଖ ଅଭିଭାବକମାନଙ୍କୁ ବଣ୍ଟାଯାଇଛି । ଏହି ପଦକ୍ଷେପଟି ଅନୁଗୁଳ ଜିଲ୍ଲାର ସମସ୍ତ ୮ଟି ବ୍ଲକରେ କାର୍ଯ୍ୟକାରୀ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସମସ୍ତ ୧୩୬୨ ଟି ସରକାରୀ ତଥା ସରକାରୀ ସାହାଯ୍ୟପ୍ରାପ୍ତ ବିଦ୍ୟାଳୟଗୁଡିକରେ ୫ମ ଓ ୮ମ ଶ୍ରେଣୀରେ ପଢୁଥିବା ପ୍ରାୟ ୩୦,୦୦୦ ଛାତ୍ରଛାତ୍ରୀଙ୍କ ଅଭିଭାବକ ବୈଠକରେ ଯୋଗ ଦେଇଥିଲେ । ପ୍ରକାଶଯୋଗ୍ୟ ଯେ ଉକ୍ତ ସକ୍ଷମ ମୂଲ୍ୟାଙ୍କନ ଏକ ଦକ୍ଷତା-ଆଧାରିତ ଛାତ୍ରଛାତ୍ରୀଙ୍କ ମୂଲ୍ୟାଙ୍କନ ପ୍ରଣାଳୀ, ଯାହାର ଲକ୍ଷ୍ୟ ହେଉଛି ଛାତ୍ରଛାତ୍ରୀମାନେ ନିଜ ଶ୍ରେଣୀ ଅନୁଯାୟୀ ଆବଶ୍ୟକ ମୂଳ ଧାରଣାଗୁଡ଼ିକ ବାବଦରେ କେତେଦୂର ଅବଗତ ଅଛନ୍ତି ସେ ସମ୍ପର୍କରେ ଅବଗତ ହେବା ଓ ତଦନୁଯାୟୀ ଛାତ୍ରଛାତ୍ର, ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ବୈଷୟିକ ପରାମର୍ଶ ଓ ତାଲିମ ଯୋଗାଇଦେବା ।

ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ଅଭିଭାବକମାନଙ୍କୁ ସରଳ ଏବଂ ସହଜରେ ବୁଝିପାରିବା ଭଳି ରିପୋର୍ଟ କାର୍ଡ ଯୋଗାଇ ଦିଆଯାଇଥିଲା । ଯାହା ମାଧ୍ୟମରେ ସେମାନେ ନିଜ ସନ୍ତାନମାନଙ୍କ ପାରଦର୍ଶିତା ସ୍ପଷ୍ଟ ଭାବରେ ହୃଦବୋଧ କରିପାରିଥିଲେ । ଏହି ପଦକ୍ଷେପଟି ଜାତୀୟ ଶିକ୍ଷା ନୀତି ୨୦୨୦ ସହ ସମନ୍ୱୟ ରଖି ଜିଲ୍ଲାରେ ପ୍ରଥମଥର ପାଇଁ ପରୀକ୍ଷାମୂଳକ ଭାବରେ ଆରମ୍ଭ କରାଯାଇଛି । ଛାତ୍ରଛାତ୍ରୀମାନଙ୍କ ଶୈକ୍ଷିକ ପାରଦର୍ଶିତାକୁ ନିୟମିତ ନିରୀକ୍ଷଣ କରାଯାଇ ତଦନୁଯାୟୀ ବିଦ୍ୟାଳୟର ଉତ୍ତରଦାୟିତ୍ୱକୁ ସୁନିଶ୍ଚିତ କରିବା ଏହାର ମୂଳ ଲକ୍ଷ୍ୟ । ଏହି ପ୍ରୟାସକୁ ସମର୍ଥନ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଜନସଚେତନତା ଚଳଚ୍ଚିତ୍ର ଏବଂ ସଂକ୍ଷିପ୍ତ ବ୍ୟାଖ୍ୟାତ୍ମକ ଭିଡିଓ ପ୍ରସ୍ତୁତ କରାଯାଇ ଅଭିଭାବକମାନଙ୍କୁ ପ୍ରଦର୍ଶନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ ସମସ୍ତ ଜନସାଧାରଣ, ଗଣମାଧ୍ୟମ ପ୍ରତିନିଧି, ଶିକ୍ଷାବିତ, ଅଭିଭାକମାନଙ୍କ ସହଯୋଗ କାମନା କରିଛନ୍ତି ।

# ବରିଷ୍ଠ ଆଇନଜୀବୀଙ୍କ ବିୟୋଗରେ ଶୋକସଭା

ପାଲଲହଡା, (ସବ୍ୟୁ): ପାଲଲହଡାର କୋଣ ଅନୁକୋଣରେ ଚିର ପରିଚିତ ଚିତ୍ତଭାଇ ଆଉନାହାନ୍ତି । ଏକଥା ଶୁଣିଲେ ବିଶ୍ୱାସ ହେଉନି । ଗତକାଲି ଅପରାହ୍ନ ଚାରିଟା ସମୟରେ ହୃଦଘାତରେ ମୃତ୍ୟୁବରଣ କରିଥିବା ବରିଷ୍ଠ ଆଇନଜୀବୀ ତଥା ପାଲଲହଡା କବ୍ସ କ୍ଲବର ପ୍ରାକ୍ତନ ସଭାପତି ଚିତ୍ତରଞ୍ଜନ ପ୍ରଧାନଙ୍କ ଅକାଳ ବିୟୋଗରେ ଆଜି ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶୋକସଭାମାନ ପାଳନ କରାଯାଇଛି ।



ଏହି ଉପଲକ୍ଷେ ବ୍ଲକ କଂଗ୍ରେସ ସଭାପତି ସରୋଜ କୁମାର ପ୍ରଧାନଙ୍କ ଅଧକ୍ଷତାରେ ସ୍ଥାନୀୟ ଜାତୀୟ ରାଜପଥ ଡାକବଙ୍ଗଳାଠାରେ ଏବଂ ପାଲଲହଡା ଷ୍ଟାଡିୟମ ଠାରେ କବ୍ସ କ୍ଲବ ପକ୍ଷରୁ କ୍ଲବର ସଭାପତି ସନ୍ତୋଷ କୁମାର ଗଡ଼ନାୟକଙ୍କ ଅଧକ୍ଷତାରେ ଏକ ସ୍ମୃତି ସଭା ଅନୁଷ୍ଠିତ ହେଇଥିଲା ।

କ୍ଲବର ସଦସ୍ୟ ବରିଷ୍ଠ ଆଇନଜୀବୀ ବିଷ୍ଣୁ ପ୍ରସାଦ ଦାସ, ଅଧ୍ୟାପକ ହରିହର ପାଣି, ଆଥଲେଟିକ ଆସୋସିଏସନର ପ୍ରାକ୍ତନ ସାଧାରଣ ସମ୍ପାଦକ ମନୋରଞ୍ଜନ ପ୍ରଧାନ ଓ ବର୍ତମାନର ସାଧାରଣ ସମ୍ପାଦକ ଅଭୟ କୁମାର ନାଏକ, ସଂଗ୍ରାମ କେଶରୀ ମିଶ୍ର, ପ୍ରଶାନ୍ତ ଦାଶ, ସଞ୍ଜୟ କୁମାର ସାହୁ, ଭୂପେନ କୁମାର ନାଏକଙ୍କ ସମେତ ସମସ୍ତ ସଦସ୍ୟ ଯୋଗଦେଇ ସ୍ୱର୍ଗତ ଚିତ୍ତରଞ୍ଜନ ପ୍ରଧାନଙ୍କ ଫୋଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣକରି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ତାଙ୍କର ଅମର ଆତ୍ମାର ସଦଗତି ପାଇଁ ଭଗବାନଙ୍କ ନିକଟରେ ନିରବ ପ୍ରାର୍ଥନା କରି ସ୍ୱର୍ଗତ ଚିତ୍ତରଞ୍ଜନ ପ୍ରଧାନଙ୍କ ଗୁଣାବଳୀ ସମ୍ପର୍କରେ ସ୍ମୃତି ଚାରଣ କରିବା ସହ କ୍ଲବ ଆଜି ଜଣେ ଦକ୍ଷ ସଂଗଠକକୁ ହରେଇଲା, ତାଙ୍କର ଅବଦାନ କବ୍ସକ୍ଲବ କେବେ ଭୁଲିପାରିବ ନାହିଁ ବୋଲି ବକ୍ତବ୍ୟ ରଖିଥିଲେ।

ଠିକ ସେଇଭଳି ସ୍ଥାନୀୟ ବାର ଆସୋସିଏସନ ସଭାପତି ଆଡ଼ଭୋକେଟ ମନୋରଞ୍ଜନ ପାଳଙ୍କ ନେତୃତ୍ୱରେ ବାର ଆସୋସିଏସନ ଗୃହ ପରିସରରେ ସମସ୍ତ ଆଇନଜୀବୀ ଏକତ୍ରିତ ହୋଇ ସ୍ୱର୍ଗତ ପ୍ରଧାନଙ୍କ ଫଟୋ ଚିତ୍ରରେ ପୁଷ୍ପ ମାଲ୍ୟ ଅର୍ପଣ କରି ପାଲଲହଡା ବାର ଆସୋସିଏସନ ପ୍ରତି ଥିବା ତାଙ୍କର ଅବଦାନ ଓ ଗୁଣାବଳି ସମ୍ପର୍କରେ ସ୍ମୃତି ଚରଣ କରିଥିଲେ ।

# ୫ ଦିନ ହେବ ଦୁଇ ନାବାଳକ ନିଖୋଜ

ତାଳଚେର, (ସବ୍ୟୁ): ତାଳଚେର ପୌରାଂଚଳ ଅନ୍ତର୍ଗତ ୪ନମ୍ବର ୱାର୍ଡ଼ର ଆଜକୁ ୫ଦିନ ହେବ ଦୁଇଜଣ ନାବାଳକ ଓମପ୍ରକାଶ ଦାସ (୧୨) ଓ ବାଦଲ ପଟ୍ଟନାୟକ (୧୩) ଗତ ଶୁକ୍ରବାର ଦିନ ଅପରାହ୍ନ ପ୍ରାୟ ୩ଘଟିକା ସମୟରୁ କେଉଁଆଡ଼େ ନିଖୋଜ ହୋଇଯାଇଛନ୍ତି । ତାଙ୍କ ପରିବାର ପକ୍ଷରୁ ବନ୍ଧୁବାନ୍ଧବ ଓ ସମ୍ପର୍କୀୟ ସାହି ଗଳିକନ୍ଦି ଖୋଜାଖୋଜି କରିବାପରେ ନିରାଶ ହୋଇ ତାଳଚେର ଟାଉନ ଥାନାରେ ଏକ ଲିଖିତ ଅଭିଯୋଗ କରିଥିବା ପରିବାର ସୂତ୍ରରୁ ଜଣାପଡ଼ିଛି । ପ୍ରକାଶଯେ, ୧୭/୦୪/୨୦୨୬ରିଖ ଶୁକ୍ରବାର ଦିନ ଅପରାହ୍ନ ସମୟରେ ଓମପ୍ରକାଶ ଦାସ ଓ ବାଦଲ ପଟ୍ଟନାୟକ ବାହେରେ ଖେଳୁଥିବା ବେଳେ କାହାକୁ କିଛି ନଜଣାଇ କେଉଁଆଡ଼େ ଚାଲିଯାଇଥିଲେ। ଓମପ୍ରକାଶ ଦାସ ଘରୁ ଗଲାବେଳେ ନାଲିରଙ୍ଗର ଟି-ସାର୍ଟ ସହିତ ଜିନ୍ସପ୍ୟାଂଟ ପରିଧାନ କରିଥିଲା । ଦେଖିବାକୁ ଗୌରବର୍ଣ୍ଣ, ମଧମ ଶରୀର ଉଚ୍ଚତା ୪ଫୁଟ ହେବ ବୋଲି ପରିବାର ପକ୍ଷରୁ କୁହାଯାଇଛି । ସେହିଭଳି ବାଦଲ ପଟ୍ଟନାୟକ ହଳଦିଆ ଟି-ସାର୍ଟ ସହିତ ସିମେଂଟ ରଙ୍ଗର ପ୍ୟାଂଟ ପରିଧାନ କରିଥିଲା, କୃଷ୍ଣବର୍ଣ୍ଣ, ଉଚ୍ଚତା ୪ଫୁଟ ହେବ ବୋଲି ପରିବାର ପକ୍ଷରୁ ଜଣାପଡ଼ିଛି । ତାଙ୍କ ମାଆ ପଦ୍ମିନୀ ଦାସ ଏସମ୍ପର୍କରେ ଅଭିଯୋଗ କରିବା ସହ କୌଣସି ସହୃଦୟ ବ୍ୟକ୍ତି ଯଦି ତାଙ୍କ ସନ୍ଧାନ ପାଆନ୍ତି ତେବେ ୯୯୩୮୩୮୯୪୭୬ରେ ଯୋଗାଯୋଗ କରିବାକୁ ସେ ଅନୁରୋଧ କରିଛନ୍ତି ।

# ଜଳ ସମ୍ପଦ ପ୍ରମୁଖ ଶାସନ ସଚିବଙ୍କ ଦୁଇ ଦିନିଆ ଅନୁଗୋଳ ଜିଲ୍ଲା ଗସ୍ତ

ଅନୁଗୋଳ, (ସବ୍ୟୁ) : ରାଜ୍ୟ ଜଳ ସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମା ଦୁଇ ଦିନିଆ ଅନୁଗୋଳ ଜିଲ୍ଲା ଗସ୍ତ କରି ପ୍ରଥମ ଦିନରେ ବିଭିନ୍ନ ଜନହିତକର ଯୋଜନା ଓ ପ୍ରକଳ୍ପର କ୍ଷେତ୍ର ପରଦର୍ଶନ ସହ ସମୀକ୍ଷା କରିଛନ୍ତି। ଜିଲ୍ଲାର ଶିକ୍ଷା, ସ୍ୱାସ୍ଥ୍ୟ, ଜଳସେଚନ, ପାନୀୟ ଜଳ ଏବଂ ଦକ୍ଷତା ବିକାଶ କ୍ଷେତ୍ରରେ ଚାଲିଥିବା ରୂପାନ୍ତରଣ କାର୍ଯ୍ୟକୁ ସେ ତଦାରଖ କରିଛନ୍ତି। ଜିଲ୍ଲାପାଳ ଶ୍ରୀ ଅବ୍ଦାଲ୍ ମୁହମ୍ମଦ୍ ଅଖ୍ତର ସଚିବଙ୍କ ଗସ୍ତ ସମୟରେ ଉପସ୍ଥିତ ରହି ସହଯୋଗ କରିଥିଲେ।



ପୂର୍ବାହ୍ନରେ ବଆଁରପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରି ମେଡିକାଲ କର୍ମଚାରୀଙ୍କ ରହିବା ପାଇଁ ନୂତନ କ୍ୱାର୍ଟର୍ସ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ସେ ପରାମର୍ଶ ଦେଇଛନ୍ତି। ସେହିପରି ଗୋଡମରାସ୍ଥିତ ମେଗାଲିଫ୍ଟ ପ୍ରକଳ୍ପର 'ଇନଟେକ୍ ୱେଲ୍' କାର୍ଯ୍ୟର ସମୀକ୍ଷା କରି ଏହାକୁ ଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଦ୍ୱିପ୍ରହର ସମୟରେ କାର୍ଯ୍ୟ ବନ୍ଦ ରଖିବାକୁ ସେ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ବଆଁରପାଳ ସେବାଶ୍ରମ ଏବଂ ହଷ୍ଟେଲ ପରିଦର୍ଶନ କରି ସେଠାକାର ପରିମଳ ବ୍ୟବସ୍ଥା ଓ ଅନୁଦାନରେ ପ୍ରଦାନ କରାଯାଉଥିବା ଖାଦ୍ୟ ଯୋଜନାର ପ୍ରଶଂସା କରିଛନ୍ତି। ସଚିବ ଆଲୁମିନିୟମ ପାର୍କ ପରିଦର୍ଶନ କରି ଉତ୍ପାଦନ ଓ ବଜାର ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। କୁଲାଡ଼ଠାରେ ନୂତନ ଭାବେ ନିର୍ମୀତ ଅତିରିକ୍ତ ଶ୍ରେଣୀ ଗୃହ ପରିଦର୍ଶନ କରି ଖେଳପଡ଼ିଆର ଉନ୍ନତିକରଣ ପାଇଁ ସେ ପରାମର୍ଶ ଦେଇଛନ୍ତି। ସେହିପରି 'ଆୟୁଷ୍ମାନ ଆରୋଗ୍ୟ ମନ୍ଦିର'ର କାର୍ଯ୍ୟ ଶୀଘ୍ରଶେଷ କରି ମେଡିକାଲ ଅଫିସରଙ୍କୁ ସେଠାରେ ଅବସ୍ଥାପିତ ହେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ତୁରଙ୍ଗ ପଞ୍ଚାୟତ କାର୍ଯ୍ୟାଳୟ ଭ୍ରମଣ କରି ସ୍ଥାନୀୟ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ 'ସୁଭଦ୍ରା' ଯୋଜନାର ହିତାଧିକାରୀଙ୍କ ସହ ସଚିବ ଆଲୋଚନା କରିଥିଲେ।

ଅପରାହ୍ନରେ ସର୍କିଟ ହାଉସ ସମ୍ମିଳନୀ କକ୍ଷଠାରେ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ହିଡସିଂହ ଏବଂ ମାଙ୍କଡ଼ା ଜଳସେଚନ ପ୍ରକଳ୍ପର ସମୀକ୍ଷା କରିବା ସହ ଜିଲ୍ଲାର ଜଳକିଷ୍ଟ ଅଞ୍ଚଳରେ ତୁରନ୍ତ ଭୂତଳ ଜଳ ପୁନରୁଦ୍ଧାର କାର୍ଯ୍ୟକ୍ରମ ହାତକୁ ନେବାକୁ ସେ ଗୁରୁତ୍ୱାରୋପ କରିଛନ୍ତି। ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ରରେ ଶୌଚାଳୟ ଏବଂ ବିଦ୍ୟୁତ ସଂଯୋଗ ନିଶ୍ଚିତ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବ

ଅଁରପାଳ ସ୍ଥିତ ଅନ୍ୱେଷା ହଷ୍ଟେଲରେ ତୁରନ୍ତ ବିଦ୍ୟୁତ ସଂଯୋଗ କରିବାକୁ ଉପସ୍ଥିତ ଟିପିସିଓଡିଏଲ୍ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥି ସହିତ ଆଗାମୀ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଅସମ୍ପୂର୍ଣ୍ଣ ନିର୍ମାଣ କାର୍ଯ୍ୟଗୁଡିକୁ ସମ୍ପୂର୍ଣ୍ଣ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରାତିମୟଙ୍କ ସମେତ ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଢେଙ୍କାନାଳରେ ତାତି ୪୦ ଡିଗ୍ରୀ ପାର
# ଅନିର୍ଦ୍ଧିଷ୍ଟ କାଳ ପାଇଁ ଶିଶୁ ବାଟିକାରୁ ଦ୍ୱାଦଶ ପର୍ଯ୍ୟନ୍ତ ଶିକ୍ଷାଦାନ ବନ୍ଦ

ଢେଙ୍କାନାଳ , (ସବ୍ୟୁ): ଢେଙ୍କାନାଳ ଜିଲ୍ଲାରେ ତାପମାତ୍ରା ୪୦ଡିଗ୍ରୀ ପାର ହୋଇଛି। ଅସହ୍ୟ ଗୁଳୁଗୁଳି ତଥା ଗ୍ରୀଷ୍ମ ପ୍ରବାହ ଯୋଗୁ ଦିନ ଦଶଟାରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଛି। ଏହାକୁ ଦେଖି ଜିଲ୍ଲାପାଳ ତଥା ମାଜିଷ୍ଟ୍ରେଟଙ୍କ ନିର୍ଦ୍ଦେଶରେ ଜିଲ୍ଲା ଶିକ୍ଷାଧିକାରୀ ଶିଶୁ ବାଟିକା ଠାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ଘରୋଇ ସରକାରୀ ବିଦ୍ୟାଳୟରେ ଶିକ୍ଷାଦାନକୁ ଗୁରୁବାର ୨୩ ତାରିଖ ଠାରୁ ଅନିର୍ଦ୍ଧିଷ୍ଟ କାଳ ପାଇଁ ବନ୍ଦ ରଖିଛନ୍ତି। କିନ୍ତୁ ପୂର୍ବ ନିର୍ଦ୍ଧାରିତ ପରୀକ୍ଷା, ନାମଲେଖା, ଜନଗଣନା, ୫ମ ଏବଂ ଅଷ୍ଟମ ଶ୍ରେଣୀ ସପ୍ଲିମେଣ୍ଟାରୀ ପରୀକ୍ଷା ପୂର୍ବପରି ଚାଲୁରହିବ। ଶିକ୍ଷକ ଏବଂ ଅଣ ଶିକ୍ଷକ କର୍ମଚାରୀମାନେ ପୂର୍ବଭଳି ଅନୁଷ୍ଠାନକୁ ଆସିବା ସହିତ ପ୍ରଶାସନିକ କାର୍ଯ୍ୟ କରିବେ ବୋଲି ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଆଦେଶ ସଂଖ୍ୟା ୩୯୮୩ ଅନୁସାରେ ନିର୍ଦ୍ଦେଶ ଦେଇଛନ୍ତି।

# ଚୋରା ବାଲି ବୋଝେଇ ଟ୍ରାକ୍ଟର ଜବତ, ଡ୍ରାଇଭର ଗିରଫ

ରେଙ୍ଗାଳି, (ସବ୍ୟୁ): କଣିହାଁ ବ୍ଲକ ରେଙ୍ଗାଳି ଥାନା ଶୁଶୁବା, ବଜ୍ରକୋଟ, ସୁଲେଇପାଳ ବାଲିଘାଟରୁ ପ୍ରତେକ ଦିନ ଶହଶହ ଟ୍ରିପ ଚୋରା ବାଲି ଚାଲାଣ ନେଇ ଦୀର୍ଘ ଦିନ ହେବ ଗ୍ରାମବାସୀ ବାରମ୍ବାର ଅଭିଯୋଗ ପରେ ଗତକାଲି ସଂଧ୍ୟା ବେଳେ ରେଙ୍ଗାଳି ପୋଲିସର ଏକ ଟିମ ଶୁଶୁବା ଗ୍ରାମ ନିକଟ ବେଆଇନ ବାଲି ଘାଟରେ ଚଢାଉ କରି ଏକ ବାଲି ବୋଝେଇ ଟ୍ରାକ୍ଟର ଜବତ କରିବା ସହ ଏହାର ଚାଳକକୁ ଗିରଫ କରିଛି।

ଘାଟରୁ ଜବତ ବାଲି ବୋଝେଇ ଟ୍ରାକ୍ଟର ନଂ (ଓଆର ୧୯ ଏଚ ୩୩୨୯) କୁ ଜବତ କରିବା ସହ



ପୋଡ଼ଗଡ଼ ନୂଆ ସାହିର ଗାଡି ଚାଳକ ବାବୁଲି ହେମ୍ବ୍ରମକୁ ଗିରଫ କରି ଆଜି କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ଚଞ୍ଚଳା ନାୟକ ସୂଚନା ଦେଇଥିଲେ ।

